**ସଂକ୍ଷେପରେ**

## ବେକରେ ଧୋତି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୪।୬- ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ମସିହାଖାଲି ଗ୍ରାମରେ ଜଣେ ଯୁବକ ନିଜ ବେକରେ ଧୋତି ଲଗାଇ ଶନିବାର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଟୁକୁନା ସାହୁ (୩୫)। ପୋଲିସ ମୃତଦେହ ଜବତ କରି ୨୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଟୁକୁନା ନିଜର ଦୁଇ ଭଉଣୀଙ୍କୁ ବିବାହ ବେଳେ ଲକ୍ଷାଧିକ ଟଙ୍କା ଧାର ଆଣିଥିଲେ। ହେଲେ ଉକ୍ତ ଟଙ୍କା ଶୁଝିପାରୁନଥିବାରୁ ସେ ମାନସିକ ଚାପରେ ରହୁଥିଲେ। ଏଣୁ ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ପ୍ରକାଶ ଯେ, ଟୁକୁନା ଶନିବାର ସକାଳେ ଘରେ କେହିନଥିବା ବେଳେ ବେକରେ ଧୋତି ଲଗାଇ ଘର ଭିତରେ ଥିବା ଏକ ଫ୍ୟାନ ହୁକରେ ଝୁଲି ପଡ଼ିଥିଲେ। ଘର ବାରିପଟେ କାମ କରୁଥିବା ତାଙ୍କ ମା' ଦମୟନ୍ତୀ ସାହୁ ଘର ଭିତରକୁ ଆସି ଦେଖିବା ବେଳକୁ ପୁଅ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ପରେ ସେ ନେଇ ତାଙ୍କ ବଡ଼ପୁଅ ପୂର୍ଣ୍ଣଙ୍କୁ ଡାକିଥିଲେ। ଟୁକୁନା ବଞ୍ଚିଥିବ ଭାବି ଧୋତି କାଟି ବାହାର କରିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଅବସର ପ୍ରାପ୍ତ ଦୁଇ ଶିକ୍ଷକ ସମ୍ବର୍ଦ୍ଧିତ

ବୁଗୁଡ଼ା,୪।୬(ଡି.ଏନ.ଏ.)-ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ଗୋଲାବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଭାକର ଦାଶ ଓ ବୀରଧନଞ୍ଜୟପୁର ଗ୍ରାମସ୍ଥ ବୁଦ୍ଧଗିରି ବିଦ୍ୟାପୀଠର ସହକାରୀ ଶିକ୍ଷକ ଜଗନ୍ନାଥ ମିଶ୍ର ଅବସର ଗ୍ରହଣ କରିଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ଦ୍ୱୟଙ୍କୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବିଇଓ ପ୍ରସନ୍ନ କୁମାର ବେହେରାଙ୍କ ଦ୍ୱାରା ଉପଢୌକନ ପ୍ରଦାନ ପୂର୍ବକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସହ ପ୍ରୋଭିଜନାଲ୍ ପେନସନ୍ ପତ୍ର ମଧ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତିଙ୍କ ସମେତ ବିଇଓ କାର୍ଯ୍ୟାଳୟର କର୍ମଚାରୀ ଏବଂ ସିଆରସିସିମାନେ ଉପସ୍ଥିତ ଥିଲେ।

## ଶିବ ପାର୍ବତୀଙ୍କ ବିବାହ ଉତ୍ସବ ପାଳିତ

ବ୍ରହ୍ମପୁର ଅଫିସ,୪।୬-କପିଳେଶ୍ୱର ମନ୍ଦିର ପକ୍ଷରୁ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ମନ୍ଦିର ପକ୍ଷରୁ ପ୍ରଥମେ ପିତା ମାତା ଦାୟିତ୍ୱରେ ଥିବା ଭକ୍ତଙ୍କ ଦ୍ୱାରା ନିର୍ବନ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ମହାଦେବଙ୍କୁ ବିଭିନ୍ନ ଫଳ ଓ ଫଳ ରସ ଏବଂ ପଞ୍ଚାମୃତରେ ମାଜଣା କାର୍ଯ୍ୟ ହୋଇଥିଲା। ପରେ ମଙ୍ଗଳ ଆଳତୀ ଦ୍ୱାରା ପୂଜା ପାଠ କରାଯାଇଥିଲା। ମନ୍ଦିର କମିଟି ପକ୍ଷରୁ ମନ୍ଦିର ସାଜସଜା କରାଯାଇଥିଲା। ସନ୍ଧ୍ୟାରେ ମହାଦେବଙ୍କ ବାଟ ବରଣ ପରେ ଶୁଭ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆସନ୍ତା ସୋମବାର ପୂର୍ବାହ୍ନରେ ବାଘବେଶ, ହନୁମାନ ବେଶ, ଚଇତି ଘୋଡା, କଳା ଘୋଡା ବେଶ ହେବା ସହ ବୃଷଭ ଦେବଙ୍କ ସଜ୍ଜିତ ରଥରେ ନଗର ପରିକ୍ରମାର ଯୋଜନା ରହିଥିବା କମିଟି ପକ୍ଷରୁ କୁହାଯାଇଛି।

# ଆମ୍ବପୁଆରେ ସବୁ ବର୍ଗଙ୍କ ନିମନ୍ତେ ବାସଗୃହ

ବ୍ରହ୍ମପୁର ଅଫିସ,୪।୬


ବୈଠକରେ ଉପସ୍ଥିତ ବିଡିଏ ଉପାଧ୍ୟକ୍ଷ, ଏମପି, ବିଧାୟକ ଓ ଅନ୍ୟମାନେ।

- ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ୪୪ତମ ବୈଠକ
- ଗୋପାଳପୁରଠାରେ ୱାଟର ପାର୍କ ଯୋଜନା
- ରାଜ୍ୟ ସରକାରଙ୍କ ଅନୁମୋଦନକୁ ଅପେକ୍ଷା

ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଶନିବାର ବିଡିଏ ସମ୍ମିଳନୀ କକ୍ଷରେ ୪୪ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଏ ଉପାଧ୍ୟକ୍ଷ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଅଧ୍ୟକ୍ଷତା କରିଥିଲେ। ବୈଠକରେ ବ୍ରହ୍ମପୁର, ଗୋପାଳପୁର ଓ ଛତ୍ରପୁରଠାରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଡିଏ ପକ୍ଷରୁ ଆମ୍ବପୁଆଠାରେ ରକ ଗାର୍ଡେନ କାର୍ଯ୍ୟ ଜାରି ରହିଥିବା ବେଳେ ଏଥିରେ ଅନ୍ୟ ୩ଟି ନୂତନ ଯୋଜନା ରହିଥିବା କୁହାଯାଇଛି। ରାମଲିଙ୍ଗେଶ୍ୱର ପାର୍କ ମଧ୍ୟରେ ୩ଡି ଲେଜର ସୋ ଓ ମ୍ୟୁଜିକାଲ ଫାଉଣ୍ଟେନ କାର୍ଯ୍ୟ ରେକର୍ଡକାଳୀନ ୪ ମାସ ମଧ୍ୟରେ ଶେଷ ହୋଇଛି। କର୍ପୋରେଶନ ରୋଡ଼ଠାରେ ସ୍ମାର୍ଟ ରୋଡ କାର୍ଯ୍ୟ ସରିବାକୁ ଥିବା ବେଳେ ବ୍ରହ୍ମପୁରଠାରୁ ଗୋପାଳପୁର ୭.୩ କି.ମି. ଯାଏ ଷ୍ଟ୍ରିଟ୍‌ଲାଇଟ ଆସନ୍ତା ୨ ସପ୍ତାହ ମଧ୍ୟରେ ଲାଗିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି। ତାମ୍ପରା ହ୍ରଦ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଗୋପାଳପୁରରେ କାଠରେ ନିର୍ମିତ ବୋର୍ଡ ୱାକ, ଆମ୍ବପୁଆଠାରେ ବ୍ୟାଡ ମିଣ୍ଟନ କୋର୍ଟ କାର୍ଯ୍ୟ ଶେଷ ହୋଇଛି। ସାଲିଆ ବନ୍ଧଠାରେ ଆସନ୍ତା ୨ ମାସ ମଧ୍ୟରେ ଆଉ ଏକ ବ୍ୟାଡ୍‌ମିଣ୍ଟନ କୋର୍ଟ କାର୍ଯ୍ୟ ଶେଷ ହେବା ନେଇ ଲକ୍ଷ୍ୟ ରଖାଯାଇଛି।

ବିଡିଏ ପକ୍ଷରୁ ଖୋଲା ଜାଗାଗୁଡିକରେ ସୋଲାର ଆଲୋକୀକରଣ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆ, ଏମ୍‌କେସିଜି ଖେଳ ପଡିଆ ଉନ୍ନତୀକରଣ ଓ ସହରର ବିଭିନ୍ନ ଖୋଲା ସ୍ଥାନଗୁଡିକରେ ପାର୍କ ନିର୍ମିତ ହୋଇଥିବା ବିଡିଏ ଉପାଧ୍ୟକ୍ଷ ସୂଚନା ଦେଇଥିଲେ। ବର୍ତ୍ତମାନ ବିଡିଏ ପକ୍ଷରୁ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ମଲ୍ଟି ଲେବଲ କାର ପାର୍କିଂ, ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ଏମ୍ପରିଓ ହଲ, ପେଣ୍ଡ୍ରି ଗାଡିଆଠାରେ ମାର୍କେଟ କମ୍ପ୍ଲେକ୍ସ, ସିଟି ହାଇସ୍କୁଲ ପଡିଆରେ ସ୍ପୋର୍ଟସ କମ୍ପ୍ଲେକ୍ସ, ଆମ୍ବପୁଆଠାରେ ସମସ୍ତ ଶ୍ରେଣୀ ବର୍ଗଙ୍କ ନିମନ୍ତେ ବାସଗୃହ ଓ ବାଣିଜ୍ୟିକ ପ୍ରତିଷ୍ଠାନ, ରକ ଗାର୍ଡେନଠାରେ ମିରର ମେଜ, ଲାଞ୍ଜିପଲୀ ପାର୍କରେ ସୋଲାର ଆଲୋକୀକରଣ, ଲାଞ୍ଜିପଲୀ ନୂଆ ବନ୍ଧରେ ବୋଟିଂ ଯୋଜନା ରହିଥିବା ଉପାଧ୍ୟକ୍ଷ ସୂଚନା ଦେଇଥିଲେ। ସିଟି ହାଇସ୍କୁଲ ପଡିଆଠାରେ ନିର୍ମିତ ହେବାକୁ ଥିବା ସ୍ପୋର୍ଟସ କମ୍ପ୍ଲେକ୍ସ ମଧ୍ୟରେ ଗୋଟିଏ ଭଲିବଲ କୋର୍ଟ, ୪ଟି ଟେନିସ ଓ ୪ଟି ବ୍ୟାଡ୍‌ମିଣ୍ଟନ କୋର୍ଟ ନିର୍ମାଣ ନିମନ୍ତେ ଯୋଜନା ରହିଛି। ଏଠାରେ ୧୫୦୦ ଦର୍ଶକଙ୍କ ନିମନ୍ତେ ସୁବିଧା ରହିବ। ଏଥିସହ ଖେଳାଳିଙ୍କ ରହଣି ସ୍ଥଳ ଓ ବିଶ୍ରାମ ଗୃହ ମଧ ରହିବ ବୋଲି କୁହାଯାଇଛି। ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ୱାସନ ଗୋପାଳପୁରଠାରେ ୱାଟର ପାର୍କ ନିର୍ମାଣ ନିମନ୍ତେ ରହିଥିବା ମାଷ୍ଟରପ୍ଲାନ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାୟ ୩ ଏକର ଜାଗାରେ ୱାଟର ପାର୍କ ନିମନ୍ତେ ଯୋଜନା ରହିଥିବା ଉପଜିଲାପାଳ କହିଥିଲେ। ଉକ୍ତ ସମସ୍ତ ଯୋଜନା ଆଗାମୀ ଦିନରେ ସରକାରଙ୍କ ଅନୁଦାନ କିମ୍ବା ପିପିପି ମୋଡରେ କାର୍ଯ୍ୟକାରୀ ହେବ ବୋଲି ବିଡିଏ ଉପାଧ୍ୟକ୍ଷ ସୂଚନା ଦେଇଥିଲେ। ଏଥିସହ ବୈଠକରେ ଛତ୍ରପୁର ବସ୍‌ଷ୍ଟାଣ୍ଡ ସାଙ୍ଗକୁ ବ୍ରହ୍ମପୁର ଓ ଗୋପାଳପୁରର ନୂତନ ବସ୍‌ଷ୍ଟାଣ୍ଡ କିଭଳି ଖୁବ ଶୀଘ୍ର କାର୍ଯ୍ୟକାରୀ ହେବ ସେ ନେଇ ଆଲୋଚନା ହୋଇଥିବା ବିଧାୟକ ସୁବାସ ବେହେରା ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଛତ୍ରପୁର ବିଧାୟକ ସୁବାସ ବେହେରା, ବିଡିଏ ସଚିବ ସମ୍ପିତ ରାଉତ, ଗୋପାଳପୁର ଏନ୍‌ଏସି ଅଧ୍ୟକ୍ଷ ଏ.ଜାନକୀ ରାମ, ଛତ୍ରପୁର ଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବିଏମସି ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ପାଢୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଡାକ୍ତର ଦମ୍ପତିଙ୍କୁ ଆକ୍ରମଣ ମାମଲା
## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୪।୬

ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମନୋଜ କୁମାର ଜେନିକ ଡାକ୍ତର ଦମ୍ପତିଙ୍କୁ ଆକ୍ରମଣ ମାମଲାର ବିଚାର କରିଥିଲେ। ପ୍ରମାଣ ଅଭାବରୁ ଘଟଣାର ୯ ବର୍ଷ ପରେ ସେ ଅଭିଯୁକ୍ତ ସୁଜିତ କୁମାର ଗୌଡ଼ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୧୩ ମେ ୨୨ ଅପରାହ୍ନରେ ଏମ୍‌କେସିଜି ମେଡିକାଲରୁ ଡାକ୍ତର ନରେନ୍ଦ୍ର ବେହେରା ଓ ତାଙ୍କ ସ୍ତ୍ରୀ ଡାକ୍ତର ଜ୍ୟୋତିପ୍ରଭା ବେହେରା ଡ୍ୟୁଟି ସାରି କାରରେ ଘରକୁ ଫେରୁଥିଲେ। ରାସ୍ତାରେ ଜଣେ ଯୁବକ ତାଙ୍କ କାର ଉପରକୁ ପଥର ଫିଙ୍ଗିଥିଲେ। କାଚ ଭାଙ୍ଗି ଯିବାରୁ ଡାକ୍ତର ଦମ୍ପତି କାରକୁ ରାସ୍ତା କଡ଼ରେ ରଖି ଭିତରୁ ବାହାରିଥିଲେ। ପରେ ଯୁବକ ଜଣଙ୍କ ସେଠାରେ ଡାକ୍ତର ଦମ୍ପତିଙ୍କୁ ଆକ୍ରମଣ କରିବା ସହ ଧମକଚମକ ଦେଇଥିଲେ। ଡାକ୍ତର ବେହେରା ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୪/୧୩ରେ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ କରି ସୁଜିତ ଗୌଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିଦିନ ପରେ ସୁଜିତଙ୍କୁ ଜାମିନ ମିଳିଥିଲା। ଏହି ମାମଲାର ବିଚାର ବେଳେ ସୁଜିତ ଏସିଜେଏମ୍‌ଙ୍କ କୋର୍ଟରେ ହାଜର ହୋଇଥିଲେ। ୯ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଏସିଜେଏମ୍ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ପ୍ରସନ୍ନ କୁମାର ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

# ନୋ-ପାର୍କିଂରୁ ଗାଡ଼ି ଉଠାଇଲା ପୋଲିସ

ବ୍ରହ୍ମପୁର ଅଫିସ,୪।୬



ନୋ-ପାର୍କିଂ ସ୍ଥଳରୁ ଗାଡ଼ି ଉଠାଇ ନେଉଛି ପୋଲିସ।

**୨୦୮ ଗାଡ଼ିରୁ ୧.୦୪ ଲକ୍ଷ ଜରିମାନା ଆଦାୟ**

ବ୍ରହ୍ମପୁର ସହରର ବିଭିନ୍ନ ଥାନା ଅଞ୍ଚଳର ନୋ-ପାର୍କିଂରେ ରଖାଯାଉଥିବା ଗାଡ଼ି ହଟାଇବା ଅଭିଯାନ ଟ୍ରାଫିକ୍ ପୋଲିସ ଆରମ୍ଭ କରିଛି। ଏଣୁ ଟ୍ରାଫିକ୍ ପୋଲିସ ନୋ-ପାର୍କିଂରେ ଥିବା ଗାଡ଼ି ଉଠାଇବା ସହ ଖିଲାପକାରୀ ମାନଙ୍କଠାରୁ ଜରିମାନା ଆଦାୟ କରିଛି। ନିର୍ଦ୍ଧାରିତ ପାର୍କିଂସ୍ଥଳରେ ଗାଡି ନ ରଖି ରାସ୍ତାକଡ଼ରେ ଯେ କୌଣସି ସ୍ଥାନରେ ପାର୍କିଂ କରିଥିବା ୨୦୮ ଗାଡି ଚାଳକଙ୍କଠାରୁ ୫୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରିଛି। ଦୁଇଦିନରେ ଟ୍ରାଫିକ ପୋଲିସ ୧ ଲକ୍ଷ ୪ ହଜାର ଟଙ୍କା ଆଦାୟ କରିଥିବା ସୂଚନା ମିଳିଛି। ଗତ ଗୁରୁବାରଠାରୁ ଟ୍ରାଫିକ୍ ପୋଲିସ ବ୍ରହ୍ମପୁର ସହରରେ ଘୂରି ବୁଲି ନୋ-ପାର୍କିଂସ୍ଥଳରୁ ଗାଡି ଉଠାଇବା ସହ ଚାଳକଙ୍କଠାରୁ ଜରିମାନା ଆଦାୟ କରୁଛି। ଗୁରୁବାର ୧୦୩ ଗାଡି ନୋ-ପାର୍କିଂସ୍ଥଳରୁ ଉଠାଇଥିବା ବେଳେ ଶୁକ୍ରବାର ୧୦୫ ଗାଡ଼ି ଉଠାଇଥିଲା ବୋଲି ପୋଲିସ ସୂଚନା ଦେଇଛି। ଏନେଇ ଟ୍ରାଫିକ ଥାନାଧିକାରୀ ସୁନୀଲ ବେହେରା କହିଛନ୍ତି, ଲୋକମାନେ ପାର୍କିଂସ୍ଥଳରେ ଗାଡିନରଖି ମନଇଚ୍ଛା ଏଣେତେଣେ ପାର୍କିଂ କରୁଥିବାରୁ ସହରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ଲୋକମାନଙ୍କର ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ପୋଲିସ ପକ୍ଷରୁ ଏଭଳି ଅଭିଯାନ ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି। ବିଶେଷକରି ବାଇକ୍ ଚାଳକମାନେ ମନଇଚ୍ଛା ପାର୍କିଂ ନ କରି ନିର୍ଦ୍ଧାରିତ ସ୍ଥଳରେ ସେମାନଙ୍କ ଗାଡି ପାର୍କିଂ କରିବାକୁ ସେ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି।

# ପୁରୁଣା ମାମଲା ଫଇସଲା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୪।୬

- ବ୍ରହ୍ମପୁର ପୋଲିସ ଜିଲା
- ଅପରାଧ ସମୀକ୍ଷା ବୈଠକ

ବ୍ରହ୍ମପୁର ପୋଲିସ ଜିଲାର ଅପରାଧ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ୍‌ଙ୍କ ଅଧ୍ୟକ୍ଷତାରେ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ଥାନାରେ ବହୁ ଦିନ ଧରି ପଡ଼ି ରହିଥିବା ପୁରୁଣା ମାମଲାଗୁଡ଼ିକର ନିର୍ଦ୍ଧାରିତ ସମୟ ମଧ୍ୟରେ ତ୍ୱରିତ ଫଇସଲା କରିବାକୁ ସେ ସମସ୍ତ ଥାନାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ପ୍ରତ୍ୟେକ ଥାନାରେ ହୋଇଥିବା ହତ୍ୟା ମାମଲାଗୁଡିକର ଏସ୍‌ପି ସମୀକ୍ଷା କରିଥିଲେ। ପ୍ରତ୍ୟେକ ଥାନାରେ ରୁଜୁ ହୋଇଥିବା ବଳାତ୍କାର ମାମଲା, ଠକେଇ, ନିଖୋଜ ମାମଲା ସମ୍ପର୍କରେ ଏସ୍‌ପି ସମୀକ୍ଷା କରିଥିଲେ। ସହର ଓ ସହରତଳି ଅଞ୍ଚଳରେ ଏବେ ଜେଲରୁ ଜାମିନରେ ମୁକୁଳିଥିବା ଅପରାଧୀଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଏସ୍.ପି. ପ୍ରତ୍ୟେକ ଥାନାଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ପେସାଦାର ଅପରାଧୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହିତ ଆବଶ୍ୟକସ୍ଥଳେ ସେମାନଙ୍କୁ ଅଟକ ରଖାଯିବା ନେଇ ଆଲୋଚନା ହୋଇଛି। ଏହାସହିତ ୱାରେଣ୍ଟ ଧରପଗଡ଼ ଉପରେ ମଧ ଆଲୋଚନା ହୋଇଥିଲା। ସେହିପରି ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କୁ ସାବାଡ଼ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ଏସ୍‌ପି ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀ, ଅସୀମ ପଣ୍ଡାଙ୍କ ସମେତ ଅନ୍ୟ ସମସ୍ତ ଡିଏସ୍‌ପି, ଏସ୍‌ଡିପିଓ ଓ ଥାନାଧିକାରୀମାନେ ଉପସ୍ଥିତ ଥିଲେ।


ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅପରାଧ ସମୀକ୍ଷା ବୈଠକ।

# ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲା ବିଜୁଳି କର୍ମଚାରୀ ସଂଘ

ବ୍ରହ୍ମପୁର ଅଫିସ,୪।୬

ଓଡ଼ିଶା ବିଜୁଳି କର୍ମଚାରୀ ସଂଘ ପକ୍ଷରୁ ୫ ଦଫା ଦାବି ନେଇ ଦିଆଯାଇଥିବା ଆମରଣ ଅନଶନ ଶୁକ୍ରବାର ରାତିରେ ପ୍ରତ୍ୟାହୃତ ହୋଇଛି। ସଂଘ ଦାବିଗୁଡିକୁ ନେଇ ପୂର୍ବାହ୍ନରେ ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତି ୱାସନ, ଅତିରିକ୍ତ ଏସ୍‌ପି ରମେଶ ସେଠୀ ଓ ଟାଟା ପାୱାର କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ବୈଠକରେ ସଂଘର ଦାବିଗୁଡ଼ିକ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଦାବିଗୁଡ଼ିକ ମଧ୍ୟରେ ଉଡ଼ାଣ ଯୋଜନାରେ ନିଯୁକ୍ତିକୁ ଟାଟା ପାୱାର ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ସଂଘ ପକ୍ଷରୁ ଅନ୍ୟ ଦାବି ପୂରଣ ପାଇଁ ଆଲୋଚନା କରାଯାଇଥିଲା। ଫଳରେ ସଂଘ ପକ୍ଷରୁ ଧାରଣା ଅବ୍ୟାହତ ରହିଥିଲା। ସନ୍ଧ୍ୟାରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଉପଜିଲାପାଳ ଭି. କୀର୍ତ୍ତି ୱାସନ, ଟାଉନ ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ଓ ବୈଦ୍ୟନାଥପୁର ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନରତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଉଡାଣ ଯୋଜନାରେ ନିଯୁକ୍ତିକୁ ଟାଟା ପାୱାର ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ସଂଘ ପକ୍ଷରୁ ଧାରଣା ଓ ଅନଶନ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ଅନ୍ୟ ଦାବିଗୁଡିକ ମଧ୍ୟରେ ଇଏଲ୍‌ବିଓ (ଇଲେକ୍ଟ୍ରିକାଲ ଲାଇସେନ୍ସ ବୋର୍ଡ ଅଫ୍ ଓଡିଶା) ସାର୍ଟିଫିକେଟ ଥିବା କର୍ମଚାରୀଙ୍କୁ ଜୁନିୟର ଲାଇନ୍‌ମ୍ୟାନ ଓ ଆସିଷ୍ଟାଣ୍ଟ ଲାଇନ୍‌ମ୍ୟାନ ନିଯୁକ୍ତି, ଆଇଟିଆଇ ଓୟାର ମ୍ୟାନ୍ ଟ୍ରେଡ୍‌କୁ ସଂପୃକ୍ତି, ଚାକିରି ବୟସ ସୀମା ୫୩ ବର୍ଷ ନିର୍ଦ୍ଧାରଣ ଓ ଗ୍ରେଡେସନ ପ୍ରତିଶତରେ ହ୍ରାସ ଦାବି ସମୂହକୁ ଜୁଲାଇ ପ୍ରଥମ ସପ୍ତାହରେ ପୂରଣ ପାଇଁ ଟାଟା ପାୱାର ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ମୃତ ୨ କୋଭିଡ ଯୋଦ୍ଧାଙ୍କୁ ସହାୟତା

ଛତ୍ରପୁର,୪।୬(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳଙ୍କ ସଦ୍‌ଭାବନା କକ୍ଷଠାରେ କୋଭିଡ୍‌ରେ ମୃତ୍ୟୁ ଘଟିଥିବା ଦୁଇ ୨ କୋଭିଡ ଯୋଦ୍ଧାଙ୍କ ଉତ୍ତରାଧିକାରୀଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ସହାୟତା ପ୍ରଦାନ କରିଛନ୍ତି । ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭୀଷ୍ମଗିରି ଅଙ୍ଗନୱାଡି କର୍ମୀ ଏମ୍. ମାଙ୍ଗାମ ପାତ୍ର ଏବଂ ଛତ୍ରପୁର ବ୍ଲକ ବଡ ମାଧପୁର ଅଙ୍ଗନୱାଡି କେନ୍ଦ୍ରର ସହାୟିକା ପଙ୍କୁ ବେହେରାଙ୍କର କୋଭିଡ୍‌ରେ ମୃତ୍ୟୁ ହୋଇଥିଲା। ସେମାନଙ୍କ ଉତ୍ତରାଧିକାରୀଙ୍କୁ ୫୦ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଦେଇଥିଲେ। ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍ ଉପସ୍ଥିତ ଥିଲେ।

## ରତନେଇ ଠାକୁରାଣୀ ମନ୍ଦିର ପ୍ରତିଷ୍ଠା

ବୁଗୁଡ଼ା,୪।୬(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପଙ୍କଲବାଡ଼ି ଗ୍ରାମ ଇଷ୍ଟଦେବୀ ମା' ରତନେଇ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ମଙ୍ଗଳବାରଠାରୁ ଶନିବାର ପର୍ଯ୍ୟନ୍ତ ରୀତିନୀତି ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଅନୁଯାୟୀ ଦୀକ୍ଷା ଗ୍ରହଣ, ଜଳଯାତ୍ରା, ଅଙ୍କୁରାରୋପଣ ହୋଇଥିବା ବେଳେ ବୁଧବାର କର୍ମାରମ୍ଭ, ବ୍ରାହ୍ମଣବରଣ, ସୂର୍ଯ୍ୟପୂଜା, ସାଲା ସଂସ୍କାର, ବନଯୋଗ ଓ ବୈଷ୍ଣବାଗ୍ନି ସ୍ଥାପନ କର୍ମ ସମ୍ପନ୍ନ ହୋଇଥିଲା। ସେହିପରି ଗୁରୁବାର ମନ୍ଦିର ପ୍ରତିଷ୍ଠା ହୋଇ ରତ୍ନମୁଦ, ଦେବୀସ୍ନାନ, ଜୀବନ୍ୟାସ, ଶୁକ୍ରବାର ଅନ୍ନଯଜ୍ଞ, ଘୃତଯଜ୍ଞର ପୂର୍ଣ୍ଣାହୁତି, ମା ଠାକୁରାଣୀଙ୍କ ନଗର ପରିକ୍ରମା ସହ ସିଂହାସନ ଆରୋହଣ ହୋଇଥିଲା। ଏଥି ଉପଲକ୍ଷେ ଶୁକ୍ରବାର ଅଷ୍ଟ ପ୍ରହର ନାମଯଜ୍ଞ ଆରମ୍ଭ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି।

# ସଂଶୋଧିତ ସପ୍ତମ ବେତନ ପ୍ରଦାନ ଦାବିରେ ଆନ୍ଦୋଳନ ଚେତାବନୀ

ବ୍ରହ୍ମପୁର ଅଫିସ,୪।୬:



ବୈଠକରେ ମଞ୍ଚାସୀନ ସଂଘ କର୍ମକର୍ତ୍ତା।

ବାରମ୍ବାର ଅନୁରୋଧ, ଦାବୀ ଓ ଧର୍ମଘଟ ପରେ ମଧ ସଂଶୋଧିତ ସପ୍ତମ ବେତନ ହାରରେ ଦରମା ପାଇପାରୁ ନାହାନ୍ତି ନୂତନ ଭାବେ ଗ୍ରାଣ୍ଟ ପାଇଥିବା ଓଡ଼ିଶା ସ୍କୁଲ ଓ କଲେଜ ଶିକ୍ଷକ କର୍ମଚାରୀମାନେ। ଏନଇେ ପକ୍ଷରୁ ଶନିବାର ବ୍ରହ୍ମପୁର ଓଷ୍ଟା କାର୍ଯ୍ୟାଳୟରେ ଓଡ଼ିଶା ସ୍କୁଲ ଓ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଅନୁଷ୍ଠିତ ବୈଠକରେ ସ୍ଥିର ହୋଇଛି। ଏଥିରେ ଓଷ୍ଟା ସଭାପତି ହିମାଂଶୁ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିଜୟ କୁମାର ବେହେରା ବୈଠକରେ ସମ୍ପର୍କରେ କହିଥିଲେ। ୨୦୧୭ରୁ ରାଜ୍ୟ ସରକାର ବ୍ଲକ ଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ କରି ନୂତନ ଅନୁଦାନ ନୀତି ପ୍ରଚଳନ କରିଥିବା ବେଳେ ୨୦୨୨ ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟରେ ସପ୍ତମ ବେତନ ହାରରେ କର୍ମଚାରୀଙ୍କୁ ବେତନ ପ୍ରଦାନ କରାଯିବା ନେଇ ଘୋଷଣା ହୋଇଥିଲା। ଇତି ମଧ୍ୟରେ ନିର୍ବାଚନ ଶେଷ ହୋଇ ୫ ମାସ ସରି ଥିଲେ ସୁଦ୍ଧା କର୍ମଚାରୀ ମାନେ ସପ୍ତମ ବେତନ ହାରରେ ଦରମା ପାଇନାହାନ୍ତି। ଅନ୍ୟପଟେ ୬୦ /୭୦ % ଦରମା ପାଉଥିବା ସ୍କୁଲ ଓ କଲେଜର ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିମନ୍ତେ ମଧ କୌଣସି ସୁବିଧା ହୋଇ ନ ଥିବା ଏହି ବୈଠକରେ ଆଲୋଚନା ହୋଇଥିଲା। ଏହି ପରି ବିଭିନ୍ନ ଦାବି ପୂରଣ ନିମନ୍ତେ ଜୁନ ୯ରେ ଓଡ଼ିଶା ସ୍କୁଲ ଓ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଭୁବନେଶ୍ୱର ଚାଲ ଆହ୍ୱାନ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରାମଚନ୍ଦ୍ର ପୋଲାଇ, ଅଶୋକ ଦଳାଇ, ଜିଲା କାର୍ଯ୍ୟ କାରିଣୀ ସଭାପତି ଡ଼.ବିଜୟ ଚନ୍ଦ୍ର ମହାରଣାଙ୍କ ସମେତ ଜିଲାର ବିଭିନ୍ନ ବ୍ଲକର ସଭାପତି, ସମ୍ପାଦକ ଓ ଶିକ୍ଷକ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଜାତୀୟ ସଂହତି ଶିବିର ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ,୪।୬

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**


କୁଳପତିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ଶିବିର ଉଦ୍‌ଘାଟନ ।

ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟଠାରେ ୭ ଦିନିଆ ଜାତୀୟ ସଂହତି ଶିବିର ଶୁକ୍ରବାର ରାତି ପ୍ରାୟ ୮ଟାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଉପସ୍ଥିତ ଥିଲେ। ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ଏନ୍‌ଏସ୍‌ଏସ୍ ପକ୍ଷରୁ ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ଡ.ରମେଶ ଚନ୍ଦ୍ର ବେହେରା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ.ପ୍ରଦୀପ ମିଶ୍ର, ସୋଆ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ନଚିକେତା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ଧ୍ରୁବ ଚରଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିଙ୍କୁ ଯୋଡ଼ି ଶଙ୍ଖ ଓ ପାରମ୍ପରିକ ବେଶ ପୋଷାକରେ ସ୍ୱାଗତ କରାଯାଇଥିଲା। ଏହି ଜାତୀୟ ସଂହତି ଶିବିରରେ ଓଡ଼ିଶାର ୧୦ ବିଶ୍ୱବିଦ୍ୟାଳୟର ଏବଂ ଦେଶ ପ୍ରମୁଖ ୧୦ ବିଶ୍ୱବିଦ୍ୟାଳୟର ପ୍ରାୟ ୨୦୦ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଏମ୍‌ପି ସାହୁ ଯୁବପିଢ଼ି ପାଠ ସହ ଦେଶ ଗଠନରେ ବ୍ରତୀ ହେବା ନିମନ୍ତେ ଆଗଭର ହୋଇ ନିଜ କର୍ତ୍ତବ୍ୟ ସମ୍ପାଦନ କରିବା ଆବଶ୍ୟକ ବୋଲି କହିଥିଲେ। ପରେ ସ୍ୱେଚ୍ଛାସେବୀମାନେ ନୃତ୍ୟ ଓ ସଂଗୀତ ମାଧ୍ୟମରେ ନିଜ ନିଜ ରାଜ୍ୟର ଲୋକକଳା ପ୍ରଦର୍ଶନ କରିଥିଲେ। ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା କୋରାପୁଟ ଆଦିବାସୀ ନୃତ୍ୟ ଢ଼େମସା, ସମ୍ବଲପୁରୀ ନୃତ୍ୟ ସମେତ ପଶ୍ଚିମବଙ୍ଗ ଲୋକନୃତ୍ୟ, ଭାରତନାଟ୍ୟମ୍, କୁଚିପୁଡ଼ି ଆଦି ଲୋକକଳା ଲୋକନୃତ୍ୟ ଓ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଶୁକ୍ରବାର ଜାତୀୟ ସଂହତି ଶିବିରର ଶନିବାର ଦ୍ୱିତୀୟ ଦିନରେ ଏନ୍‌ଏସ୍‌ଏସ୍ ପତକା ଉତ୍ତୋଳନ ସହ ଯୋଗ ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ଏମ୍‌ଆଇଟି ସଭାପତି ଡ.ଭଗବାନ ଗନ୍ତାୟତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସ୍‌ଏସ୍ ଜିଲା ସଂଯୋଜିକା ସ୍ୱର୍ଣ୍ଣଲତା ପଟ୍ଟନାୟକ, ରାୟଗଡ଼ା ଜିଲା ସଂଯୋଜିକା ଡ.ଅର୍ଚ୍ଚନା ପଟ୍ଟନାୟକ, ଏନ୍‌ଏସ୍‌ଏସ୍ ପ୍ରଶିକ୍ଷକ ନିରଦ ବରଣ ଖୁଣ୍ଟିଆ ସଭା ଓ ଶିବିର ପରିଚାଳନାରେ କରିଥିଲେ।

